# NATIONAL NEWS BULLETIN (ODIA)
## 2 May - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ଦିଗରେ ଦେଶର ଉପକୂଳ ରାଜ୍ୟ ଏବଂ ବନ୍ଦର ସହର ଗୁଡ଼ିକର ଉଲ୍ଲେଖନୀୟ ଭୂମିକା ରହିଛି, କହିଲେ ପ୍ରଧାନମନ୍ତ୍ରୀ ।
- ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଓ ଆଧୁନିକ ବିହନ ଯୋଗାଇଦେବା ଲାଗି ଗତ ୧ ଦଶନ୍ଧି ମଧ୍ୟରେ ୧୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି କେନ୍ଦ୍ର ସରକାର ।
- ଦେଶ ବ୍ୟାପି ଚାଷ ଜମି ଗୁଡ଼ିକୁ ଆବଶ୍ୟକ ଜଳ ଯୋଗାଇଦେବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ।
- ମୁମ୍ବାଇରେ ଚାଲିଥିବା ୱେଭ୍ସ ୨୦୨୫ରେ ଆଜି ଅପରାହ୍ଣ ସୁଦ୍ଧା ୨୫୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବ୍ୟାବସାୟିକ କାରବାର ଲାଗି ସମ୍ପନ୍ନ ହୋଇଛି ଚୁକ୍ତିନାମା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ।

## ପିଏମ୍-ଭିଜିଂଜାମ୍

ବିକଶିତ ଭାରତ ଗଠନ ଦିଗରେ ଦେଶର ଉପକୂଳ ରାଜ୍ୟ ଏବଂ ବନ୍ଦର ସହର ଗୁଡ଼ିକର ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି କେରଳ ଠାରେ ଦେଶର ପ୍ରଥମ ଅର୍ଦ୍ଧସ୍ୱୟଂଚାଳିତ ଭିଜିଂଜାମ୍ ଆନ୍ତର୍ଜାତିକ ଗଭୀର ଜଳ ବହୁବିଧ ବନ୍ଦରକୁ ଲୋକାର୍ପଣ କରିବା ଅବସରରେ ସେ ଏହା କହିଛନ୍ତି । ଭାରତୀୟ ନୌବାଣିଜ୍ୟ ଯାତ୍ରା ଏବଂ ନୂତନ ଯୁଗର ବିକାଶ ଦିଗରେ ଏହି ବନ୍ଦରର ମହତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ବାଣିଜ୍ୟ କାରବାର ସମ୍ପ୍ରସାରିତ ହେବା ସହିତ ଭିତ୍ତିଭୂମି ନିର୍ମାଣ ଏବଂ ସାଧାରଣ ଲୋକଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିପାରିଲେ ହିଁ ପ୍ରକୃତ ବିକାଶ ହାସଲ କରିହେବ ।

୮ ହଜାର ୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ବିକଶିତ ହୋଇଥିବା ଏହି ଗଭୀର ଜଳ ବନ୍ଦରରେ ବିଶ୍ୱର ବୃହତ ଜାହାଜଗୁଡ଼ିକରୁ

ସୁରୁଖୁରୁରେ ମାଲ ପରିବହନ କାର୍ଯ୍ୟ ସମ୍ପନ୍ନ ହୋଇପାରିବ ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି କାର୍ଯ୍ୟ ଲାଗି ଭାରତ ବିଦେଶ ବନ୍ଦର ଗୁଡ଼ିକ ଉପରେ ୭୫ ପ୍ରତିଶତ ନିର୍ଭର କରୁଥିଲା । ଏଣିକି ଭିଜିଂଜାମ୍ ବନ୍ଦରରେ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇପାରିବ ।

ଏହି ବନ୍ଦରକୁ ଅର୍ଥନୈତିକ କ୍ଷେତ୍ରରେ ସଶକ୍ତ କରିବା ଦିଗରେ ମଧ୍ୟ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତର ସାମୁଦ୍ରିକ ଶିଳ୍ପକୁ ବିକଶିତ କରିବା ଦିଗରେ ଘରୋଇ କ୍ଷେତ୍ରର ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏହି ଭାଗିଦାରୀ ଦ୍ୱାରା ଭାରତର ବନ୍ଦର ଗୁଡ଼ିକୁ ବିଶ୍ୱସ୍ତରୀୟ କରିବାରେ ସହାୟକ ହୋଇଛି ।

**V/O- PM-ON-MAIRETIME**

ସରକାରୀ-ଘରୋଇ ଭାଗିଦାରୀ ମଡେଲରେ ବିକଶିତ ହୋଇଥିବା ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟର ମୁଖ୍ୟ ଭାଗ ୨୦୨୪ ଡିସେମ୍ବରରେ ସଂପନ୍ନ ହୋଇଥିଲା । ଏହି ମଡେଲ୍ ଅଧୀନରେ ବିକଶିତ କରାଯାଇଥିବା ଏହି ବନ୍ଦରରେ ଜଳର ଗଭୀରତା ପ୍ରାୟ ୨୦ ମିଟର ରହିଥିବା ଜଣାଯାଇଛି । ପ୍ରାୟ ୩ ଦଶନ୍ଧିର ଅପେକ୍ଷା ପରେ କେରଳର ବହୁପ୍ରତୀକ୍ଷିତ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାକୁ ଯାଉଛି ।

# ପିଏମ୍-ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀ ଠାରେ ୫୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ସଡ଼କ, ରେଳବାଇ ତଥା ଅନ୍ୟାନ୍ୟ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ଗଠନ ତଥା ଆନ୍ଧ୍ରପ୍ରଦେଶର ଆକାଂକ୍ଷା ପୂରଣ କରିବା ଦିଗରେ ଏହି ବିକାଶ ମୂଳକ ପ୍ରକଳ୍ପ ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଡିଜିଟାଲ୍ ଏବଂ ସାମାଜିକ ଭିତ୍ତିଭୂମି ବିକାଶ ଉପରେ ପ୍ରାଥମିକତା ଦେଇ ଦେଶ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନାଗାୟା-ଲଙ୍କା ଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ ରେଞ୍ଜ ଲାଗି ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, **V/O- PM-MODI-ON-NEW-MISSILE-RANGE**

ଶ୍ରୀ ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଏବଂ ଆଧୁନିକ ବିହନ ଯୋଗାଇଦେବା ଲାଗି କେନ୍ଦ୍ର ସରକାର ୧୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି । ଏତଦ୍‌ବ୍ୟତୀତ ଦେଶରେ କୃଷକଙ୍କ କଲ୍ୟାଣ ସହିତ କୃଷି କ୍ଷେତ୍ରର ମୌଳିକ ଭିତ୍ତିଭୂମିକୁ ଅଧିକ

ସଶକ୍ତ କରିବା ଦିଗରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । **V/O- PM-MODI-ON-FARMER**

# ପାଟିଲ-ଜଳସିଞ୍ଚନ

ଭାରତକୁ ଦୁର୍ଭିକ୍ଷ ମୁକ୍ତ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି । ଆଜି ମହାରାଷ୍ଟ୍ରର ଅହଲ୍ୟା ନଗର ଜିଲ୍ଲା ଅନ୍ତର୍ଗତ ଅଷ୍ଟଗାଓଁର ରହତ ତାଲୁକାରେ ଅନୁଷ୍ଠିତ ଜଳସିଞ୍ଚନ ବିକାଶ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟର ଶୁଭାରମ୍ଭ କରିବା ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଦେଶର ପ୍ରତ୍ୟେକ ଗ୍ରାମ ଏବଂ ଚାଷ ଜମିକୁ ଯେଭଳି ଆବଶ୍ୟକ ଜଳ ଯୋଗାଇ ଦିଆଯାଇପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଭବିଷ୍ୟତ ଲାଗି ଭୂତଳ ଜଳ ସଂରକ୍ଷଣ ଉପରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପର ଅଂଶସ୍ୱରୂପ ଦେଶ ବ୍ୟାପି ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଜଳ ପୁନଃ କାର୍ଯ୍ୟକ୍ଷମ ଢାଞ୍ଚା  କାର୍ଯ୍ୟକାରୀ କରାଯାଇଛି । ଏହାଦ୍ୱାରା ଉଲ୍ଲେଖନୀୟ ପରିମାଣର ଜଳ ସଂରକ୍ଷଣ କରାଯାଇପାରୁଛି ବୋଲି ଶ୍ରୀ ପାଟିଲ କହିଛନ୍ତି ।

# ଓମ୍ ବିର୍ଲା-ଟୋରୋରିଜିମ୍

ବିଶ୍ୱରୁ ସନ୍ତ୍ରାସବାଦର ମୂଳୋତ୍ପାଟନ କରିବା ଦିଗରେ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଗୁଡ଼ିକ ମିଳିତ ପ୍ରୟାସ କରିବା ଉପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ସଂସଦ ଭବନ ପରିସରରେ ଜାପାନ ସଂସଦର ବାଚସ୍ପତି ନୁକାଗା ଫୁକୁଶିରୋଙ୍କ ନେତୃତ୍ୱରେ ଆସିଥିବା ସଂସଦୀୟ ପ୍ରତିନିଧି ଦଳ ସହିତ ଆଲୋଚନା ସମୟରେ ସେ ଏହା କହିଛନ୍ତି । ସନ୍ତ୍ରାସବାଦ ବର୍ତ୍ତମାନ ଏକ ବୈଶ୍ୱିକ ଆହ୍ୱାନ ହୋଇଥିବାରୁ ଆନ୍ତର୍ଜାତିକ ନିୟମ ଅନୁଯାୟୀ ଆପୋଷ ବିଶ୍ୱାସ ଓ ସମ୍ମାନ ଆଧାରରେ ଗଣତାନ୍ତ୍ରିକ ସମାଜ ଗୁଡ଼ିକ ଏକତ୍ରିତ ଭାବେ ଏହାର ମୁକାବିଲା କରିବା ଉଚିତ୍ ବୋଲି ଶ୍ରୀ ବିର୍ଲା ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ଫୁକୁଶିରୋ ପହଲଗାମ ସନ୍ତ୍ରାସବାଦ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଜାପାନ ଭାରତକୁ ପୂର୍ଣ୍ଣ ସମର୍ଥନ କରେ ବୋଲି କହିଛନ୍ତି । ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଦୁଇ ଦେଶ ମଧ୍ୟରେ ରହିଥିବା ଭାଗିଦାରୀର ଏକ ପ୍ରମୁଖ ଭୂମିକା ରହିଛି ବୋଲି ଉଭୟ ଦେଶ ମତବ୍ୟକ୍ତ କରିଛନ୍ତି ।

# ଶେଖାୱତ-ସେମିନାର

ଦେଶରେ ଅତ୍ୟାଧୁନିକ କଳା ପ୍ରଦର୍ଶନୀ ଏବଂ ସମ୍ମିଳନୀ କମ୍ପ୍ଲେକ୍ସ ନିର୍ମାଣ ହେବା ଦ୍ୱାରା ଭାରତ ବର୍ତ୍ତମାନ ବିଭିନ୍ନ ସମ୍ମିଳନୀ ଓ ପ୍ରଦର୍ଶନୀ ଆୟୋଜନ କ୍ଷେତ୍ରରେ ବିଶ୍ୱର ରାଜଧାନୀ ପାଲଟିଛି ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ ଠାରେ ଆୟୋଜିତ ଭାରତର ଅଭିବୃଦ୍ଧି ସମ୍ପର୍କିତ ଏକ ମୁକ୍ତ କର୍ମଶାଳାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏହି କ୍ଷେତ୍ରରେ ଭାରତକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ସରକାର ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଶ୍ରୀ ଶେଖାୱତ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଗତ ଏକଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ହାସଲ କରିପାରିଛି । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ପ୍ରତ୍ୟେକ କ୍ଷେତ୍ରର ଅଂଶିଦାର ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ଲାଗି ଶ୍ରୀ ଶେଖାୱତ ପରାମର୍ଶ ଦେଇଛନ୍ତି ।

# ୱେଭ୍ସ

ମୁମ୍ବାଇ ଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ୱେଭ୍ସ ୨୦୨୫ରେ ଆଜି ଅପରାହ୍ଣ ସୁଦ୍ଧା ୨୫୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ

ବ୍ୟାବସାୟିକ କାରବାର ସୁନିଶ୍ଚିତ ହୋଇଛି । ଚଳଚ୍ଚିତ୍ର, ସଂଗୀତ, ରେଡ଼ିଓ, ଆନିମେସନ୍ ଏବଂ ଭି.ଏଫ୍.ଏକ୍ସ. କ୍ଷେତ୍ରରେ ଏହିସବୁ କାରବାର ଲାଗି ବିଭିନ୍ନ ଚୁକ୍ତି ହୋଇଛି ବୋଲି ସୂଚନା ଓ ପ୍ରସାରଣ ସଚିବ ସଂଜୟ ଜାଜୁ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି, ଏହି ଐତିହାସିକ ସମ୍ମିଳନୀର ଆଉ ଦୁଇ ଦିନ ବାକିଥିବା ବେଳେ ବ୍ୟାବସାୟିକ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବାର ଆଶା କରାଯାଉଛି ।

ଏତଦ୍‌ବ୍ୟତୀତ ଭାରତ ଓ ରୁଷ ସହଯୋଗରେ ବିଭିନ୍ନ ସାଂସ୍କୃତିକ ମହୋତ୍ସବ ଆୟୋଜନ କରିବା ଦିଗରେ ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଏଥିଲାଗି ଉଭୟ ଦେଶ ମଧ୍ୟରେ ଆଲୋଚନା ଅବ୍ୟାହତ ରହିଛି ବୋଲି ଶ୍ରୀ ଜାଜୁ କହିଛନ୍ତି ।

## ପ୍ରଧାନ-ଗୁପ୍ତା ଦିଲ୍ଲୀ ବସ୍ ସେବା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ନୂଆଦିଲ୍ଲୀ ଠାରେ ଦିଲ୍ଲୀ ବୈଦ୍ୟୁତିକ ଯାନ ଆନ୍ତ ସଂଯୋଗୀକରଣ ସେବା – 'ଦେବୀ' ଅଧୀନରେ ୪୦୦ଟି ନୂତନ ବୈଦ୍ୟୁତିକ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ଦିଲ୍ଲୀ ସରକାରଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରି ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ବିଜେପି ସରକାର

ଦିଲ୍ଲୀର ରୂପାନ୍ତରିକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ବସ୍ ସେବା ଦ୍ୱାରା ବିଶେଷ କରି ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ହ୍ରାସ ହୋଇପାରିବ । ଦିଲ୍ଲୀରେ ବସ୍ ଟର୍ମିନାଲ୍ ଗୁଡ଼ିକରୁ ମେଟ୍ରୋ ଷ୍ଟେସନ୍ ମଧ୍ୟରେ ଏହି ବସ୍ ସେବା ଯୋଗାଇ ଦିଆଯିବ । ବିଶେଷ କରି ଯେଉଁ ରାସ୍ତାରେ ବଡ଼ ବସ୍ ଯାଇପାରୁ ନାହିଁ ସେଠାରେ ମଧ୍ୟ ଏହି ସେବା ଯୋଗାଇ ଦିଆଯାଇପାରିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କେଦାରନାଥ

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ଥିବା କେଦାରନାଥ ଧାମର ଦ୍ୱାର ଆଜି ସକାଳୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଇଛି । ବୈଦିକ ମନ୍ତ୍ର ଓ ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ଦ୍ୱାର ଖୋଲାଯିବା ପରେ ଦେଶ ବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି । ଭକ୍ତି, ବିଶ୍ୱାସ ଏବଂ ଶ୍ରଦ୍ଧାର ସହ କେଦାରନାଥ ପବିତ୍ର ଉପତ୍ୟକା ଆଧ୍ୟାତ୍ମିକ ଉତ୍ସାହରେ ଗୁଞ୍ଜରିତ ହୋଇଛି ବୋଲି ଆମ ସମ୍ବାଦଦାତା କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଗୁଜରାଟ ଟାଇଟନ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ ।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ୍’ ରାଜସ୍ଥାନ ରୟାଲ୍‌ସକୁ ୧୦୦ ରନ୍‌ରେ ପରାସ୍ତ କରିଛି ।